# NATIONAL NEWS BULLETIN (ODIA)

## 19th July - 2024

## Morning Bulletin : 7.15 a.m.

************************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନରେ ଆଗତ ହେବ ୬ଟି ନୂଆ ବିଧେୟକ ।

- ବିଶ୍ୱର ୧୦ଟି ବୃହତ୍ତମ କୋଇଲା ଖଣି ତାଲିକାରେ ରହିଛି ଛତିଶଗଡ଼ର ଦୁଇଟି ଖଣି ।

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିର୍ବାଚିତ ଅଭିଭାଷଣ ସମ୍ବଳିତ ପୁସ୍ତକ Wings to our Hopesର ପ୍ରଥମ ଭାଗ ଉନ୍ମୋଚିତ ।

- ଭାରତରେ ଶିଶୁମାନଙ୍କ ଟିକାକରଣ ନେଇ ୟୁନିସେଫ୍‌ର ତଥ୍ୟ ଅସମ୍ପୂର୍ଣ୍ଣ, କହିଲେ କେନ୍ଦ୍ର ସରକାର ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆଜିଠାରୁ ଆରମ୍ଭ ହେବ ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତା ।

## ପାର୍ଲାମେଣ୍ଟ ସେସନ୍

ଆସନ୍ତା ସପ୍ତାହରୁ ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବ । ଏଥିରେ ଅର୍ଥ ବିଧେୟକ ସମେତ ୧୯୩୪ ମସିହାର ବିମାନ ଅଧିନିୟମ ବଦଳରେ ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ବିଧେୟକ ଗୃହର ମଞ୍ଜୁରି ଲାଗି ଆଗତ କରାଯିବ । ଲୋକସଭା ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ବୁଲେଟିନ୍‌ରେ ଆଗତ ହେବାକୁ ଥିବା ବିଧେୟକଗୁଡ଼ିକର ତାଲିକା ପ୍ରକାଶ ପାଇଛି । ଚଳିତ ମାସ ୨୨ରୁ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନ କାଳରେ ଜୁଲାଇ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସାଧାରଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ।

ଇତିମଧ୍ୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ବିଜିନେସ୍ ଆଡ୍‌ଭାଇଜରୀ କମିଟି ଗଠନ କରାଯାଇଛି । ଏହି କମିଟି ସଂସଦରେ ଆଗତ

ହେବାକୁ ଥିବା ବିଧେୟକ ଓ ଅନ୍ୟାନ୍ୟ ପ୍ରସଙ୍ଗ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରିବ ।

ଏହି କମିଟିରେ ବି.ଜେ.ପି.ର ପି.ପି. ଚୌଧୁରୀ, ଅନୁରାଗ ସିଂହ ଠାକୁର, ଭର୍ତ୍ତୃହରି ମହତାବ, କଂଗ୍ରେସର ଗୌରବ ଗୋଗୋଇ, କେ. ସୁରେଶ, ଟି.ଡି.ପି.ର ଲାବୁ ଶ୍ରୀ କୃଷ୍ଣ ଦେବରାୟଲୁ, ଟି.ଏମ୍.ସି.ର ସୁଦୀପ ବନ୍ଦୋପାଧ୍ୟାୟ, ଜନତା ଦଳ(ୟୁ)ର ଦିଲେଶ୍ୱର କାମେତ୍, ଡି.ଏମ୍.କେ.ର ଦୟାନିଧି ମାରନ୍, ଶିବସେନ ଉଦ୍ଧବ ଗୋଷ୍ଠୀର ଅରବିନ୍ଦ ସାୱାନ୍ତ ଏବଂ ସମାଜବାଦୀ ପାର୍ଟିର ଲାଲ୍‌ଜୀ ବର୍ମା ସଦସ୍ୟ ଅଛନ୍ତି ।

## କୋଲ୍

WorldAtlas.com ଦ୍ୱାରା ପ୍ରକାଶିତ ବିଶ୍ୱର ୧୦ଟି ବୃହତ୍ତମ କୋଇଲା ଖଣି ତାଲିକାରେ ଛତିଶଗଡ଼ର ୨ଟି ଖଣି ରହିଛି । ଏହି ତାଲିକାରେ ଛତିଶଗଡ଼ର କୋଲ୍ ଇଣ୍ଡିଆର ସହାୟକ ସଂସ୍ଥା ସାଉଥ୍ ଇଷ୍ଟର୍ଣ୍ଣ କୋଲ୍ ଫିଲ୍‌ଡ୍‌ସ ଲିମିଟେଡ୍‌ର ଗେଭରା ଦ୍ୱିତୀୟ ଓ କୁସମୁଣ୍ଡା କୋଇଲା ଖଣି ଚତୁର୍ଥ ସ୍ଥାନରେ ରହିଥିବା ଜଣାପଡ଼ିଛି । ଏହି ଦୁଇଟି ଖଣିରୁ ବାର୍ଷିକ ୧୦୦ ନିୟୁତ ଟନ୍‌ରୁ ଅଧିକ କୋଇଲା ଉତ୍ତୋଳନ ହୋଇଥାଏ, ଯାହା ଦେଶର ମୋଟ୍ କୋଇଲା ଉତ୍ପାଦନର ୧୦ ପ୍ରତିଶତରୁ ଅଧିକ । ଗେଭରା ଓପନ୍ କାଷ୍ଟ ଖଣିର

ବାର୍ଷିକ ଉତ୍ପାଦନ କ୍ଷମତା ୭୦ ନିୟୁତ ଟନ୍ ହୋଇଥିବାବେଳେ କୁସମୁଣ୍ଡା ଓପନ୍ କାଷ୍ଟ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୫୦ ନିୟୁତ ଟନ୍‌ରୁ ଅଧିକ । ଏହି ଖଣିଗୁଡ଼ିକରେ କୋଇଲା ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇଥାଏ ।

## ବାଂଲାଦେଶ - ପ୍ରୋଟେଷ୍ଟ

ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଚାଲିଥିବା ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କରିଛି ।  ଗତକାଲି ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ୪ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ଆହତ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ବାଂଲାଦେଶରେ ରହୁଥିବା ଭାରତୀୟମାନଙ୍କୁ ବିଦେଶ ମନ୍ତ୍ରଣାଳୟ ସତର୍କ କରାଇଛି । ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସେଠାରେ ରହୁଥିବା ଭାରତୀୟମାନଙ୍କୁ ସେମାନଙ୍କ ଗତିବିଧି ସୀମିତ କରିବା ଲାଗି ପରାମର୍ଶ ଦେଇଛି । ଆବଶ୍ୟକ ପଡ଼ିଲେ ଦୂତାବାସ ସହ ଯୋଗାଯୋଗ କରିବା ଲାଗି ଜରୁରୀକାଳୀନ ସହାୟତା ନମ୍ବର ଜାରି କରାଯାଇଛି । ସେହି ନମ୍ବରଟି ହେଉଛି - ୮୮୦-୧୯୩୭-୪୦୦-୫୯୧ ।

# ୟୁ.ପି. - ଟ୍ରେନ୍ ଆକ୍ସିଡେଣ୍ଟ୍

ଉତ୍ତର ପ୍ରଦେଶର ଗୋଣ୍ଡା ଜିଲ୍ଲାରେ ଘଟିଥିବା ରେଳ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ରେଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ଏହି ତଦନ୍ତ ରେଳ ସୁରକ୍ଷା କମିଶନରଙ୍କ ତଦନ୍ତଠାରୁ ଅଲଗା ହେବ । ସୂଚନା ଅନୁଯାୟୀ, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି । ଗୁରୁତର ଆହତଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଦିଆଯିବ । ଗତକାଲି ଗୋଣ୍ଡା-ଗୋରଖପୁର ଲାଇନ୍‌ରେ ମାନକ୍‌ପୁର ଷ୍ଟେସନ୍ ନିକଟରେ ଚଣ୍ଡୀଗଡ଼-ଦିବ୍ରୁଗଡ଼ ଏକ୍ସପ୍ରେସ୍‌ର ୬ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା । ଏଥିରେ ୨ ଜଣଙ୍କର ମୃତ୍ୟୁ ହେବା ସହ ୨୦ରୁ ଅଧିକ ଆହତ ହୋଇଥିବା ପ୍ରାଥମିକ ସୂଚନା ମିଳିଛି । ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ରେଳ ସୁରକ୍ଷା ଡିଭିଜନ୍ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

## ପ୍ରେଜ୍ - ବୁକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିର୍ବାଚିତ ଅଭିଭାଷଣ ସମ୍ବଳିତ ପୁସ୍ତକ Wings to our hopesର ପ୍ରଥମ ଭାଗ ଉନ୍ମୋଚିତ ହୋଇଛି । ରାଷ୍ଟ୍ରପତି ଭବନ ପରିସରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ପୁସ୍ତକର ଇଂରାଜୀ ଓ ହିନ୍ଦୀ ସଂସ୍କରଣ ସମେତ ଇ-ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରିଛନ୍ତି । ଏହାବ୍ୟତୀତ 'କାହାନୀ ରାଷ୍ଟ୍ରପତି ଭବନ୍ କୀ', 'ଆଶାଓଁ କୀ ଉଡ଼ାନ୍' ଏବଂ 'ରାଷ୍ଟ୍ରପତି ଭବନ - ହେରିଟେଜ୍ ମିଟସ୍ ଦ ପ୍ରେଜେଣ୍ଟ୍' ଶୀର୍ଷକ ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ ରାଷ୍ଟ୍ରପତି' ସମାଜ ବିଶେଷକରି ପଛୁଆବର୍ଗର ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା କହିଛନ୍ତି । ଏହି ପୁସ୍ତକଗୁଡ଼ିକ ରାଷ୍ଟ୍ରପତି ଏବଂ ରାଷ୍ଟ୍ରପତି ଭବନ ସହିତ ଲୋକଙ୍କ ସମ୍ପର୍କକୁ ଆହୁରି ନିବିଡ଼ କରିବ ବୋଲି ସେ କହିଛନ୍ତି । ଏହି ଅବସରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଏହି ପୁସ୍ତକ ଭବିଷ୍ୟତ ପିଢ଼ିପାଇଁ ଏକ ମୂଲ୍ୟବାନ ଦସ୍ତାବିଜ୍ ବୋଲି କହିଛନ୍ତି ।

Wings to our hopes ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପ୍ରଥମ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଦିଆଯାଇଥିବା ଅଭିଭାଷଣର ନିର୍ବାଚନ ଅଂଶ ରହିଛି । 'କାହାଣୀ ରାଷ୍ଟ୍ରପତି ଭବନ୍ କୀ' ପୁସ୍ତକରେ ରାଷ୍ଟ୍ରପତି ଭବନ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ

ପିଲାମାନଙ୍କପାଇଁ ସରଳ ଭାଷାରେ ତଥ୍ୟ ଦିଆଯାଇଛି । ସେହିପରି 'ରାଷ୍ଟ୍ରପତି ଭବନ - ହେରିଟେଜ୍ ମିଟ୍ସ ଦ ପ୍ରେଜେଣ୍ଟ୍' ପୁସ୍ତକରେ ରାଷ୍ଟ୍ରପତି ଭବନର ଇତିହାସ ଏବଂ ସମସ୍ତ ପୂର୍ବତନ ରାଷ୍ଟ୍ରପତିଙ୍କ ବିଷୟରେ ସଚିତ୍ର ସୂଚନା ରହିଛି ।

## ଇଣ୍ଡିଆ - ୟୁନିସେଫ୍

ଭାରତରେ ଶିଶୁମାନଙ୍କ ଟିକାକରଣ ନେଇ ୟୁନିସେଫ୍ ଅସମ୍ପୂର୍ଣ୍ଣ ତଥ୍ୟ ଦେଇଥିବା କେନ୍ଦ୍ର ସରକାର କହିଛନ୍ତି । ଶିଶୁମାନଙ୍କୁ ଟିକାକରଣ କ୍ଷେତ୍ରରେ ଦିଆଯାଇଥିବା ତଥ୍ୟ ସଠିକ୍ ନୁହେଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଭିଯୋଗ କରିଛି । ୟୁନିସେଫ୍ ସୂଚନା ମୁତାବକ, ଭାରତରେ କୌଣସି ଟିକା ନେଇ ନ ଥିବା ଶିଶୁମାନଙ୍କ ସଂଖ୍ୟା ସର୍ବାଧିକ ଅଟେ । ମନ୍ତ୍ରଣାଳୟ କହିଛି, ଦେଶର ଜନସଂଖ୍ୟାକୁ ବିଚାରକୁ ନିଆଗଲେ ଟିକାକରଣ ସର୍ବାଧିକ ବୋଲି ଜଣାପଡ଼ିବ । ଦେଶର ମୋଟ୍ ଜନସଂଖ୍ୟାର ମାତ୍ର ଶୂନ ଦଶମିକ ୧/୧ ପ୍ରତିଶତ ଶିଶୁ କୌଣସି ଟିକା ନେଇ ନ ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ୯୩ ଦଶମିକ ୨/୩ ପ୍ରତିଶତ ଟିକାକରଣ ହୋଇଥିବା ମନ୍ତ୍ରଣାଳୟ କହିଛି । ମିଶନ୍ ଇନ୍ଦ୍ରଧନୁଷ୍ରେ ୫ କୋଟି ୪୬ ଲକ୍ଷ ଶିଶୁ ଏବଂ ୧ କୋଟି ୩୨ ଲକ୍ଷ ମହିଳାଙ୍କୁ ଟିକାକରଣ କରାଯାଇଛି । ବାର୍ଷିକ ୧ କୋଟିରୁ ଅଧିକ

ଟିକାକରଣ କାର୍ଯ୍ୟକ୍ରମରେ ୨ କୋଟି ୬ ଲକ୍ଷ ଶିଶୁ ଏବଂ ୨ କୋଟି ୯ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଇଥିବା ମନ୍ତ୍ରଣାଳୟ କହିଛି ।

## ଜି.ଡି.ପି. - ଆଇ.ଏମ୍.ଏଫ୍

୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୋଟ୍ ଘରୋଇ ଉତ୍ପାଦ - ଜି.ଡି.ପି. ୭ ପ୍ରତିଶତକୁ ବୃଦ୍ଧି ପାଇବ । ଆର୍ନ୍ତଜାତିକ ମୁଦ୍ରାପାଣ୍ଠି ଏହି ଆକଳନ କରିଛି । ଗତ ଏପ୍ରିଲ୍ ମାସରେ ଏହି ଆକଳନ ୬ ଦଶମିକ ୮ ପ୍ରତିଶତ ଥିବାବେଳେ ଆଇ.ଏମ୍.ଏଫ୍. ଏହାକୁ ସଂଶୋଧନ କରିଛି । World Economic Outlook ରିପୋର୍ଟ ଅନୁଯାୟୀ ଚଳିତ ବର୍ଷପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନକୁ ୭ ପ୍ରତିଶତକୁ ବୃଦ୍ଧି କରାଯାଇଥିବାବେଳେ ୨୦୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ୬ ଦଶମିକ ୫ ପ୍ରତିଶତ ରହି ବୋଲି କୁହାଯାଇଛି ।

## ଅମରନାଥ ଯାତ୍ରା - ଜମ୍ମୁ

ଅମରନାଥ ଗୁମ୍ଫା ଦର୍ଶନ ଲାଗି ଆଜି ସକାଳୁ ଜମ୍ମୁର ଭଗବତୀ ନଗର ଯାତ୍ରୀନିବାସର ମୂଳ ଶିବିରରୁ ୪ ହଜାର ୮୨୧ ଜଣ ତୀର୍ଥଯାତ୍ରୀ କାଶ୍ମିର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଦେଢ଼ଶହଟି ଦଳରେ

ତୀର୍ଥଯାତ୍ରୀମାନେ ଯାତ୍ରା କରୁଥିବା ଜଣାପଡ଼ିଛି । ଏଥିରେ ୩ ହଜାର ୨ ଶହ ଅଶଷଠି ଜଣ ପୁରୁଷ, ୧ ହଜାର ୪୮୨ ଜଣ ମହିଳା, ୮ ଜଣ ଶିଶୁ, ୬୩ ଜଣ ସାଧୁ ଓ ୯ ଜଣ ସାଧ୍ୱୀ ଅଛନ୍ତି ।

## ଏନ୍.ଏଚ୍.ଏ.ଆଇ. ଟୋଲ୍

ଜାତୀୟ ରାଜପଥ କର୍ତ୍ତୃପକ୍ଷ - ଏନ୍.ଏଚ୍.ଏ.ଆଇ. ଏଣିକି ବିନା ଫାସ୍‌ଟ୍ୟାଗ୍‌ରେ ଟୋଲ୍ ଲେନ୍‌ରେ ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକରୁ ଦୁଇଗୁଣା ଟୋଲ୍ ଆଦାୟ କରିବ । କେତେକ ଗାଡ଼ିରେ ଫାସ୍‌ଟ୍ୟାଗ୍ ନ ଲାଗିଥିବାରୁ ଟୋଲ୍ ପ୍ଲାଜାରେ ବିଳମ୍ବ ହେଉଥିବାରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉପଭୋକ୍ତାମାନେ ଗାଡ଼ିର ୱିଣ୍ଡ୍ ସ୍କ୍ରିନ୍‌ରେ ଫାସ୍‌ଟ୍ୟାଗ୍ ଲଗାଇବାକୁ ପଡ଼ିବ । ଅନ୍ୟପକ୍ଷରେ ଏନ୍.ଏଚ୍.ଏ.ଆଇ. ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ଟୋଲ୍ ପ୍ଲାଜାରେ ଲାଗିଥିବା ସି.ସି.ଟି.ଭି. ଜରିଆରେ ଫାସ୍‌ଟ୍ୟାଗ୍ ଲାଗି ନ ଥିବା ଗାଡ଼ିଗୁଡ଼ିକ କ୍ଷେତ୍ରରେ ଦୁଇଗୁଣା ଟୋଲ୍ ଆଦାୟ ପାଇଁ ନୋଟିସ୍ ଜାରି କରାଯିବ ।

# ସମ୍ବଲପୁର ଫ୍ଲାଏ ଓଭର୍

ଓଡ଼ିଶାର ସମ୍ବଲପୁର ରେଳଷ୍ଟେସନରୁ ସମ୍ବଲପୁର ସିଟି ରେଳଷ୍ଟେସନକୁ ସଂଯୋଗ କରୁଥିବା ରେଳ ଫ୍ଲାଏ ଓଭର ନିର୍ମାଣ ପାଇଁ ୨୮୮ କୋଟି ୬୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୮ କିଲୋମିଟରୁ ଊର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ରେଳ ଚଳାଚଳକୁ ବୃଦ୍ଧି କରିବା ସହ ଜଙ୍କ୍ସନ୍‌ଗୁଡ଼ିରେ ଭିଡ଼ ହ୍ରାସ କରିବ । ଏହି ଫ୍ଲାଏ ଓଭର୍ ସମ୍ବଲପୁରରୁ ସବୁଦିଗରୁ ଏକସଙ୍ଗରେ ଟ୍ରେନ୍ ଚଳାଚଳକୁ ସୁଗମ କରିବା ସହ ଟିଟିଲାଗଡ଼, ଅନୁଗୁଳ ଏବଂ ଝାରସୁଗୁଡ଼ା ଅଭିମୁଖେ ଅସୁବିଧାମୁକ୍ତ ଚଳାଚଳକୁ ସୁନିଶ୍ଚିତ କରିବା ସହ କ୍ରସ୍ ଟ୍ରାଫିକ୍ ବିଳମ୍ବ ଓ ପରିଚାଳନାଗତ ଅସୁବିଧାକୁ ଦୂର କରିବ । ସୂଚନା ଅନୁଯାୟୀ, ଫ୍ଲାଏ ଓଭର୍ ନିର୍ମାଣ ହେଲେ ସମ୍ବଲପୁର ସିଟି ଷ୍ଟେସନ୍ ଓ ଆଖପାଖ ଷ୍ଟେସନ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ରହିବ ନାହିଁ ଏବଂ ଟ୍ରେନ୍‌ଗୁଡ଼ିକର ଅପେକ୍ଷା ସମୟ ଯଥେଷ୍ଟ ହ୍ରାସ ପାଇବ ।

## ମନସୁଖ ମାଣ୍ଡବ୍ୟ

ନୂଆଦିଲ୍ଲୀରେ ଆଜି ଖେଲୋ ଇଣ୍ଡିଆ ଉତ୍କୃଷ୍ଟ କ୍ରୀଡ଼ାବିତ୍ ଚିହ୍ନଟ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ଆରମ୍ଭ ହେବ । ଯୁବ ବ୍ୟାପାର କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହାକୁ ଉଦ୍‌ଘାଟନ କରିବେ । ଏ ସମ୍ପର୍କରେ ସୂଚନା ଦେଇ କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ଆଧୁନିକ ଆଇ.ସି.ଟି. ଉପକରଣ ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଆଧାରିତ କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଗତ ମାର୍ଚ୍ଚ ୧୨ ତାରିଖରେ ଚଣ୍ଡିଗଡ଼ରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୭୦ଟି କେନ୍ଦ୍ରରେ ୩ ଲକ୍ଷ ୬୨ ହଜାର ୬୮୩ ଜଣ କ୍ରୀଡ଼ାବିତ୍ ପଞ୍ଜିକୃତ ହୋଇଥିଲେ । ୧୧ଟି ଦୌଡ଼କୁଦ ବିଭାଗରେ ସେମାନଙ୍କର ଦକ୍ଷତା ପରୀକ୍ଷା କରାଯାଇଥିଲା ବୋଲି କ୍ରୀଡ଼ା ମନ୍ତ୍ରଣାଳୟ କହିଛି ।

## ୱିମେନ୍ କ୍ରିକେଟ୍

ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆଜିଠାରୁ ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ଆରମ୍ଭ ହେବ । ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ରଣଗିରି

ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ପ୍ରଥମ ମ୍ୟାଚ୍ ଗ୍ରୁପ୍-ଏର ୟୁ.ଏ.ଇ. ଏବଂ ନେପାଳ ମଧ୍ୟରେ ଅନୁଷ୍ଠିତ ହେବ । ଏହା ପରେ ଗ୍ରୁପ୍-ଏରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ନେପାଳ ଏବଂ ୟୁ.ଏ.ଇ. ଥିବା ବେଳେ ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ବଂଲାଦେଶ, ଥାଇଲାଣ୍ଡ ଏବଂ ମାଲେସିଆ ଅଛନ୍ତି । ପ୍ରତିଯୋଗିତାର ସେମିଫାଇନାଲ୍ ଆସନ୍ତା ୨୬ ତାରିଖରେ ଏବଂ ଫାଇନାଲ୍ ଜୁଲାଇ ୨୮ ତାରିଖରେ ଅନୁଷ୍ଠିତ ହେବ ।

*****